# Akashvani, Sambalpur

## SAMBALPURI NEWS EVENING BULLETIN

## 29 August 2024- 7.02 pm- 7.12 pm.

*********************************************

୧- ଜାତୀୟ କ୍ରୀଡ଼ା ଦିବସ୍ ଅବ୍‌ସରେ ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନ୍‌କୁ ଦିଆଗଲା ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍ ଆର୍ ବିଜୁ ପଟ୍ଟନାୟକ୍ ସାହସିକତା ପୁରସ୍କାର୍ ।

୨- ଓଡ଼ିଶାର୍ ଗଣପର୍ବ ନୂଆଖାଇ ଲାଗି ଆଏବା ମାସ ୯ ତାରିଖ୍‌କେ ଛୁଟି ଘୋଷ୍‌ନା କଲେ ରାଜ୍ୟ ସର୍‌କାର୍ ।

୩- ରାଏଜେ ଖାଲି ପଡ଼ିଥିବା ଆର୍.ଆଇ., ଏ.ଆର୍.ଆଇ ଆର୍ ଅମିନ୍ ପଦ୍‌ବୀ ପୂରଣ୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ- କହେଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଲା ଲଘୁଚାପ୍- ରଏବାର୍‌ତକ୍ ସମୁଦ୍ରକେ ନାଇଁ ଯିବାର୍‌କେ ମତ୍ସ୍ୟଜୀବୀମାନ୍‌କୁ ପରାମର୍ଶ ।

ଜାତୀୟ କ୍ରୀଡ଼ା ଦିବସ୍/ ସମ୍ବଲପୁର୍/ ସୁବର୍ଣ୍ଣପୁର/ ବୌଦ୍ଧ/ ଦେବ୍‌ଗଡ଼୍/

ସାରା ଦେଶେ ଆଏଜ୍ ଜାତୀୟ କ୍ରୀଡ଼ା ଦିବସ୍ ପାଲନ୍ କରାଯାଉଛେ । ହକି ଖେଲାଲି ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ଜନ୍ମ ବାର୍ଷିକୀ ପାଲନ୍ ଅବ୍‌ସରେ ଫି ବଛର୍ ଅଗଷ୍ଟ ୨୯ ତାରିଖ୍‌କେ ଜାତୀୟ କ୍ରୀଡ଼ା ଦିବସ୍ ଭାବେ ପାଲନ୍ କରାଯାଏସି । ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ନେତୃତ୍ୱଥି ୩ ଥର୍ ଲଗାତାର୍ ଭାରତ୍ ୧୯୨୮, ୧୯୩୨, ୧୯୩୬ ମସିହାଥି ଅଲମ୍ପିକ୍ସ ନ ଜିତିଥିଲା । ୧୯୩୬ ମସିହାଥି ବର୍ଲିନ୍ ନ ହେଇଥିବା ହକି ଖେଲ୍ ଦେଖିକରି ହିଟଲର୍ ଆଶ୍ଚର୍ଯ୍ୟ ହେବାର୍ ସହେତେ ଜର୍ମାନୀର୍ ନାଗରିକ ହେବାର୍ ଲାଗି ଧ୍ୟାନ୍‌ଚାନ୍ଦ୍‌ଙ୍କୁ ଅନୁରୋଧ୍ କରିଥିଲେ । ୧୯୨୬ ମସିହାନୁ ୧୯୪୮ ମସିହା ଭିତ୍‌ରେ ବିପକ୍ଷ ଦଲ୍ ମାନ୍‌କୁ ମେଜର୍ ଧ୍ୟାନ୍‌ଚାନ୍ଦ୍ ୪ ଶହ ନୁ ଅଏତ୍‌କା ଗୋଲ୍ ଦେଇଥିଲେ । ଲୋକ୍‌ମାନ୍‌କର୍ ଭିତ୍‌ରେ ଖେଲ ଲାଗି ସଚେତନ୍ କର୍‌ବାର୍‌କେ ୨୦୧୨ ମସିହାନୁ ଆଝିର୍ ଦିନେ ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ସ୍ମୃତିଥି ସାରା ଦେଶେ ଇ ଦିବସ୍ ପାଲନ୍ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରୀଡ଼ା ଦିବସ୍ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ସେ କହିଛନ୍ ଯେ, ହକି କିମ୍ବଦନ୍ତୀ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ କ୍ରୀଡ଼ା ଯାଦୁ ଖେଲ୍‌ପ୍ରେମୀଙ୍କୁ ପ୍ରେରଣା ଯୁଗଉଛେ । କେନ୍ଦ୍ର ସର୍‌କାର୍ କ୍ରୀଡ଼ାର ସବୁପ୍ରକାର୍ ଉନ୍ନତି ଲାଗି ପ୍ରତିଶ୍ରୁତିବଦ୍ଧ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍-୨୦୨୩

ଆର୍ଏନ୍ୟୁ/ କଟକ୍

ଜାତୀୟ କ୍ରୀଡ଼ା ଦିବସ୍ ଅବ୍ସରେ ରାଜ୍ୟ ସର୍କାର୍ ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍-୨୦୨୩ ଆର୍ ବିଜୁ ପଟ୍ଟନାୟକ୍ ସାହସିକତା ପୁରସ୍କାର୍ ଦେଇଛନ୍ । ଆଏଜ୍ ଭୁବ୍ନେଶ୍ୱର୍ର ଲୋକ୍ସେବା ଭବନ୍ର ସମ୍ମିଳନୀ କକ୍ଷ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହକି ତାରକା ଲାଜ୍ରୁସ୍ ବାର୍ଲାଙ୍କୁ ଜୀବନବ୍ୟାପୀ ସାଧନା ଲାଗି ୪ ଲାଖ୍ ଟଙ୍କା ପୁରସ୍କାର୍ ସହେତେ ଟ୍ରଫି ଦେଇଛନ୍ । ଦୃଷ୍ଟିହୀନ କ୍ରିକେଟର୍ ମହମ୍ମଦ୍ ଜାଫର୍ ଇକ୍ବାଲ୍ଙ୍କୁ ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଭାବେ ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍ ଦିଆଯାଇଛେ । ସେନ୍ତା ଜାଭେଲିନ୍ ଥ୍ରୋ, ଶ୍ରେଷ୍ଠ ହକି ପ୍ରଶିକ୍ଷକ, ଭାରୋତଲନ୍ ସଙ୍ଗେ ଅଲ୍ଗା କ୍ରୀଡ଼ାବିତ୍ମାନ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ । ସେଆଡ଼େ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ର ନିମପୁର ଗାଁର୍ ଜୟନ୍ତୀ ମଲ୍ଲିକ୍ ଆର୍ ତାଙ୍କର୍ ପୁଓ ରୁଦ୍ର ପ୍ରସାଦ୍ ମଲ୍ଲିକଙ୍କୁ ବିଜୁ ପଟ୍ଟନାୟକ୍ ସାହସିକତା ପୁରସ୍କାର୍ ଦିଆଯାଇଛେ ।

ଜାତୀୟ କ୍ରୀଡ଼ା ଦିବସ୍ ପାଳନ୍ ଅବ୍ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ ହେଇଯାଇଛେ ।

ସମ୍ବଲପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଗୁଟେ ମିନି ମାରାଥନ୍ ହେଇଯାଇଛେ । ସହରର୍ ଭିଏସ୍ଏସ୍ ଷ୍ଟାଡ଼ିୟମ୍ ନୁ ଲକ୍ଷ୍ମୀଟକିଜ୍ ଛକ୍ତକ୍ ହେଇଥିବା ଇ ମାରାଥନ୍କେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍

ବଲିରାମ୍ ବୋନ୍ଦାର୍ ଶାଗୁଆ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ ।

ସୁବର୍ଣ୍ଣପୁର୍ ଠାନେ ଜାତୀୟ କ୍ରୀଡ଼ା ଦିବସ୍ ପାଲନ୍ ସହେତେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ସୁସ୍ଥ ଭାରତ୍- ସୁସ୍ଥ ମଣିଷ ବାର୍ତାକେ ନେଇକରି ଗୁଟେ ସମୂହ ସଂକଳ୍ପ ନିଆଯାଇଥିଲା । ଜିଲ୍ଲା ପ୍ରଶାସନ୍ ତର୍ଫୁ ହେଇଥିବା ସଚେତନତା ରେଲିକେ ଜିଲ୍ଲାପାଲ୍ ଅନ୍ୟା ଦାସ ଶାଗୁଆ ପତାକା ଦେଖେଇକରି ଉଦ୍ଘାଟନ୍ କରିଥିଲେ ।

ବୌଦ୍ଧ ଜିଲ୍ଲା କ୍ରୀଡ଼ା ବିଭାଗ୍ ତର୍ଫୁ ଜିଲ୍ଲା ଷ୍ଟାଡ଼ିୟମ୍ ନ ବେଡ୍ମିଂଟନ୍ ଆର୍ ସନ୍ତରଣ୍ ପ୍ରତିଯୋଗିତା ହେଇଛେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ୍ ଯୋଗ୍ ଦେଇକରି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

ଦେବ୍ଗଡ଼୍ କ୍ରେନ୍ଦୀୟ ବିଦ୍ୟାଳୟ ନ ଜାତୀୟ କ୍ରୀଡ଼ା ଦିବସ୍ ପାଲିତ୍ ହେଇଯାଇଛେ । ବିଦ୍ୟାଳୟର୍ ଅଧକ୍ଷ - ଛାତ୍ରଛାତ୍ରୀମାନ୍କୁ ହକି ଖେଲ୍ପ୍ରତି ମେଜର୍ ଧ୍ୟାନ୍ଚାନ୍ଦ୍ଙ୍କର୍ ଅବଦାନ୍ ବାବ୍ଦେ କହେବାର୍ ସହେତେ ଖେଲ୍ର ଉପକାରିତା ବିଷେ କହିଥିଲେ । ଇ ଦିବସ୍ ଅବ୍ସରେ ଛାତ୍ରଛାତ୍ରୀମାନ୍କର୍ ଭିତ୍ରେ ଭିନ୍ ଭିନ୍ କ୍ରୀଡ଼ା ପ୍ରତିଯୋଗିତା ହେଇଥିଲା ।

ମୁଖ୍ୟମନ୍ତ୍ରୀ- ଜିନ୍ଦଲ୍ ଷ୍ଟିଲ୍        ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭୁବ୍ନେଶ୍ୱର୍ ଲୋକ୍ସେବା

ଭବନ୍ ନ ଜିନ୍ଦଲ୍ ଷ୍ଟିଲ୍ ଏଣ୍ଡ୍ ପାୱାର୍ର ଅଧକ୍ଷ ଆର୍ ସାଂସଦ୍

ନବୀନ୍ ଜିନ୍ଦଲ୍ ଆଏଜ୍ ଭେଟିଛନ୍ । ଅନୁଗୁଲ୍ ଜିଲ୍ଲା ନ ଗୁଟେ ବିଶ୍ୱସ୍ତରୀୟ ଷ୍ଟାଡ଼ିୟମ୍ ତିଆରି ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ - ନବୀନ୍ ଜିନ୍ଦଲ୍ଙ୍କୁ ପ୍ରସ୍ତାବ୍ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଓଡ଼ିଶା ଏଛେନ୍ କ୍ରୀଡ଼ା କ୍ଷେତ୍ର ନ ଗୁଟେ ଅଗ୍ରଣୀ ରାଜ୍ୟ ଆଏ । ଗାଁ ଇଲାକା ନ ବହୁତ୍‌ଟେ ପ୍ରତିଭାବାନ୍ କ୍ରୀଡ଼ାବିତ୍ ଅଛନ୍ । ସେମାନ୍‌କର୍ ପ୍ରତିଭାର୍ ବିକାଶ୍ ଲାଗି ଜିନ୍ଦଲ୍ କମ୍ପାନୀ ତର୍‌ଫୁ ଇ ଷ୍ଟାଡ଼ିୟମ୍ ନିର୍ମାଣ୍ ହେଲେ ସେମାନ୍‌କୁ ବହୁତ୍‌ଟେ ସାହାଜ୍ ହେବା । ସେଆଡ଼େ ରାଏଜେ ଜିନ୍ଦଲ୍ କମ୍ପାନୀ ତର୍‌ଫୁ ଚାଲୁ ରହିଥିବା ପ୍ରକଳ୍ପ ଆଉ ଆଏବା ଦିନେ ହେବାର୍‌କେ ଥିବାର୍ ପ୍ରକଳ୍ପ ବିଷେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ଓଡ଼ିଶା ନ ଶିଳ୍ପର୍ ବିକାଶ୍ ଲାଗି ଜିନ୍ଦଲ୍ଙ୍କର୍ ଚେଷ୍ଟାକେ ମୁଖ୍ୟମନ୍ତ୍ରୀ ପ୍ରଶଂସା କର୍‌ବାର୍ ସହେତେ ଆଏବା ପ୍ରକଳ୍ପ ମାନ୍‌କର୍ ଲାଗି ଦର୍‌କାରୀ ସହଯୋଗ୍ ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

## ୯ ତାରିଖ୍ ନୂଆଁଖାଇ ଛୁଟି      ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ଗଣପର୍ବ ନୂଆଖାଇ ଅବ୍‌ସରେ ସେପ୍ଟେମ୍ବର୍ ୯ ତାରିଖ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଛୁଟି ଘୋଷ୍‌ନା କରିଛନ୍ । ଇ ଦିନ ରାଜ୍ୟର୍ ସବୁ ସର୍‌କାରୀ କାର୍ଯ୍ୟାଳୟ, କୋର୍ଟ ଆର୍ ସବୁ ଶିକ୍ଷାନୁଷ୍ଠାନ୍ ବନ୍ଦ୍

ରହେବା । ଇନ ଜନେଇ ଦିଆଯାଇପାରେ ଯେ, ସେପ୍ଟେମ୍ବର୍ ୮ ତାରିଖ୍ ରଏବାର୍ ଦିନ ଛୁଟି ଦିନ୍ ହେଇଥିବାର୍ନୁ ସେପ୍ଟେମ୍ବର୍ ୯ ତାରିଖ୍ ଭିଲ୍ ଛୁଟି କର୍ବାର୍କେ ରାଜ୍ୟ ସର୍କାର୍ ଘୋଷ୍ନା କରିଛନ୍ ।

ବିଧାନ୍ସଭା ଆର୍ଏନ୍ୟୁ/ କଟକ୍

ବିଧାନ୍ସଭା ନ ଆଏଜ୍ କେତେଟା ପ୍ରସଙ୍ଗକେ ଉଠେଇକରି ବିରୋଧୀ ସଦସ୍ୟମାନେ କିର୍ଲାଗଗା କରିଛନ୍ । ଶୂନ୍ୟକାଲଥି ବିଜେଡ଼ି ତର୍ଫୁ ରାଜ୍ୟର୍ ୩ ଶହ ୧୪ ଟା ଯାକ ବ୍ଲକ୍ ନ ଉନ୍ନୟନ୍ କାମ୍ ବନ୍ଦ୍ ରଖାଯାଇଛେ ବଲି ଅଭିଯୋଗ୍ କରାଯାଇଥିଲା । ଇ ପ୍ରସଙ୍ଗ୍ଥି ଦଲ୍ ତର୍ଫୁ ଗୃହ ନ ଆଲୋଚନା କରାଯାଇଥିଲା । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ କହିଥିଲେ, ଓଡ଼ିଶା ବିଧାନ୍ସଭା କାର୍ଯ୍ୟବିଧି ଆଉ ପରିଚାଲନା ନିୟମାବଲୀ ଅନ୍ସାରେ ଗୃହ କାମ୍ ଚାଲ୍ସି । ଆଲୋଚନା ହେବାର୍କେ ଥିବା ପ୍ରସଙ୍ଗ୍ ଉପ୍ରେ ନିଷ୍ପତି ନେବାର୍ ଅଧିକାର୍ ବାଚସ୍ପତିଙ୍କର୍ ରହିଛେ ବଲି ସେ କହିଥିଲେ । ହେଲେ ବିଜେଡ଼ି ସଦସ୍ୟଙ୍କର୍ ଦାବିକେ ବାଚସ୍ପତି ଅଗ୍ରାହ୍ୟ କରିଥିଲେ । ଇଟାକେ ନେଇକରି ବିଜେଡ଼ି ତର୍ଫୁ ଗୃହ ନ କିର୍ଲାଗଗା କରାଯାଇଥିଲା । ସେଆଡ଼େ ତଫସିଲ୍ଭୁକ୍ତ ଜାତି, ଉପଜାତି, ଆଉ ଅଲ୍ଗା ପଛୁଆବର୍ଗର୍ ଛାତ୍ରଛାତ୍ରୀଙ୍କୁ

ସଂରକ୍ଷଣ୍ ପ୍ରସଙ୍ଗ୍ ଉଠେଇକରି କଂଗ୍ରେସ୍ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ । ହଟ୍ଟଗୋଲ ଆଉର୍ କକ୍ଷତ୍ୟାଗ ଲାଗି ଗୃହ କାମ୍ ବାଧାପ୍ରାପ୍ତ ହେବାର୍‌ନୁ ବାଚସ୍ପତି ଦିନର୍ ୧୨ ବାଜିକରି ୧୧ ମିନିଟ୍‌ନୁ ଗୃହକେ ଉପର୍‌ବେଲା ୪ ବଜେତକ୍ ମୁଲ୍‌ତବୀ ରଖିଥିଲେ ।

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖାଲି ପଡ଼ିଥିବା ରାଜସ୍ୱ ନିରୀକ୍ଷକ- ଆର୍.ଆଇ., ସହକାରୀ ରାଜସ୍ୱ ନିରୀକ୍ଷକ-ଏଆର୍‌ଆଇ ଆର୍ ଅମିନ୍ ପଦ୍‌ବୀ ପୂରଣ୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଇ ବାବ୍‌ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, କ୍ଷମତାସମ୍ପନ୍ନ କମିଟିର୍ ଅନୁମୋଦନ୍ ଅନ୍‌ସାରେ ଖାଲି ପଡ଼ିଥିବା ୭ ଶହ ୮୯ ଟା ରାଜସ୍ୱ ନିରୀକ୍ଷକ ୧ ହଜାର୍ ୩ ଶହ ୮୫ ଟା ସହକାରୀ ରାଜସ୍ୱ ନିରୀକ୍ଷକ ଆଉ ୧ ହଜାର୍ ଶହେ ୬୯ ଟା ଅମିନ୍ ପଦ୍‌ବୀ ପୂରା କରାଯିବା । ପ୍ରତ୍ୟକ୍ଷ ଚୟନ ପ୍ରକ୍ରିୟା ଭିତିଥି ଇ ପଦ୍‌ବୀ ପୂରଣ୍ ଲାଗି ପଦକ୍ଷେପ୍ ନିଆଯାଇଛେ ବଲି ମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ରାଏଜେ ମୋଟ୍ ୩ ହଜାର୍ ୫ ଶହ ୪୬ ଟା ମଞ୍ଜୁରୀ ପାଇଥିବା ରାଜସ୍ୱ ନିରୀକ୍ଷକ ପଦ୍‌ବୀ ଭିତ୍‌ରୁ ୯ ଶହ ୮୮ ଟା ପଦ୍‌ବୀ ଖାଲି ପଡ଼ିଛେ । ସେନ୍ତା ୩ ହଜାର୍ ୭୩ ଟା ମଞ୍ଜୁରୀ

ପାଇଥିବା ସହକାରୀ ରାଜସ୍ୱ ନିରୀକ୍ଷକ ପଦ୍‌ବୀ ଭିତ୍‌ରୁ ୧ ହଜାର୍ ୭ ଶହ ୩୩ ଟା ଆର୍ ୨ ହଜାର୍ ୭ ଶହ ୭୬ ଟା ଅମିନ୍ ପଦ୍‌ବୀ ଭିତ୍‌ରୁ ୧ ହଜାର୍ ୫ ଶହ ୪୭ ଟା ପଦ୍‌ବୀ ଖାଲି ପଡ଼ିଛେ । ରାଏଜେ ୩ ଶହ ୧୭ ଟା ତହସିଲ୍ ଥିବାର୍ ବେଲେ ୫ ଟା ତହସିଲ୍‌ଦାର୍ ଆର୍ ୨ ଶହ ୧୭ ଟା ଅତିରିକ୍ତ ତହସିଲ୍‌ଦାର୍ ପଦ୍‌ବୀ ଖାଲି ପଡ଼ିଛେ । ଖାଲି ପଡ଼ିଥିବା ଇ ପଦ୍‌ବୀ ମାନ୍‌କୁ ପୂରା କର୍‌ବାର୍ ଲାଗି ଖୋବ୍ ଜଲ୍‌ଦି ପ୍ରକ୍ରିୟା ମୁଲ୍ ହେବା ବଲି  ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଭୂମିହୀନମାନ୍‌କୁ ଘରଡିହ        ଆର୍‌ଏନ୍‌ୟୁ/ କଟକ୍

ଭୂମିହୀନମାନ୍‌କୁ ଘରଡିହ ଯୁଗେଇ ଦେବାର୍‌କେ ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେଉଛନ୍ । ଇଥିର୍‌ଲାଗି ସର୍ଭେ କାମ୍ ମୁଲ୍ ହେଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ବିଧାନ୍‌ସଭା ନ ଇ ବାବ୍‌ଦେ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ଆଘର୍ ସର୍‌କାର୍‌ଙ୍କର୍ ସମିଆଥି ଜମି ପଟ୍ଟା ପାଇଥିବାର୍ ଲୁକ୍‌କୁ ଡିହ ବଂଟା ଯିବାର୍‌କେ ସର୍‌କାର୍ ପ୍ରକ୍ରିୟା ମୁଲ୍ କରିଛନ୍ ।

ପାସ୍‌ପୋର୍ଟ ସେବା କେନ୍ଦ୍ର-ବନ୍ଦ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ପାସ୍‌ପୋର୍ଟ ସେବା କେନ୍ଦ୍ର ଆର୍ ଇତାର୍ ଅଧୀନ୍‌ଥି ଥିବା ସବୁ ଡାକଘର ପାସ୍‌ପୋର୍ଟ ସେବା କେନ୍ଦ୍ର ଆଏବା କାଏଲ୍ ବନ୍ଦ୍ ରହେବା । ପାସ୍‌ପୋର୍ଟ ସେବା କେନ୍ଦ୍ରର୍ ରକ୍ଷଣାବେକ୍ଷଣ୍ କାମ୍ ଲାଗି କାର୍ଯ୍ୟାଳୟ ବନ୍ଦ୍ ରହେବା ବଲି ପାସ୍‌ପୋର୍ଟ ସେବା କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଯେନ୍ ଆବେଦନ୍‌କାରୀମାନ୍‌କର୍ ସାକ୍ଷାତ୍‌କାର୍ ଆଏବା କାଏଲ୍ ଥିଲା ସେମାନେ ଆଉ ଗୁଟେ ତାରିଖ୍ ପାଏବେ । ଇତାର୍‌ସହେତେ ନିଜର୍ ପସନ୍ଦ୍ ଅନ୍‌ସାରେ ଭିଲ୍ ସେମାନେ ସାକ୍ଷାତ୍‌କାର୍ ତାରିଖ୍ ଥିର୍ କରିପାର୍‌ବେ ବଲି ଜନାପଡ଼ିଛେ ।

ପାଏନ୍ ବୁଡ଼ି ମୃତ୍ୟୁ          ଆର୍‌ଏନ୍‌ୟୁ/ କଟକ୍

ଗଲା ୫ ବଛର୍ ଭିତ୍‌ରେ ସାରାରାଏଜେ ୮ ହଜାର୍ ୪ ଶହ ୯୩ ଝନ୍‌କର୍ ପାଏନ୍‌ଥି ବୁଡ଼ିକରି ଜୀବନ୍ ଯାଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଖାଲି ଝାର୍‌ସୁଗୁଡ଼ା ଜିଲ୍ଲା ନ ଇ ୫ ବଛର୍ ଭିତ୍‌ରେ ଶହେ ୭୪ ଝନ୍‌କର୍ ମୃତ୍ୟୁ ହେଇଛେ । ପାଏନ୍‌ଥି ବୁଡ଼ିକରି ଜୀବନ୍ ଯାଇଥିବାର୍ ଲୁକ୍‌କର୍ ପାଖର୍ ସମ୍ପର୍କୀୟଙ୍କୁ ସର୍‌କାର୍‌ଙ୍କର୍ ତର୍‌ଫୁ ୪

ଲାଖ୍ ଟଙ୍କା ଲେଖା ଅନୁକମ୍ପାମୂଲକ୍ ସାହାଜ୍ ଟଙ୍କା ଦିଆଯାଇଛେ । ପାଏନ୍‌ଥି ବୁଡ଼ିକରି ହେଉଥିବା ମୃତ୍ୟୁକେ ରୁକ୍‌ବାର୍ ଦିଗେ ଓସ୍‌ଡମା, ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଆର୍ ଅଗ୍ନିଶମ ବାହିନୀ ତର୍‌ଫୁ ଭିନ୍ ଭିନ୍ ଜାଗା ନ ସଚେତନତା ଶିବିର୍ ମାନ୍ ଆୟୋଜନ୍ କରାଯାଉଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଯୁବ ସଂସଦ୍ ପ୍ରବର୍ତନ୍ କାର୍ଯ୍ୟକ୍ରମ          କଲାହାଣ୍ଡି ସମ୍ବାଦଦାତା

କେନ୍ଦ୍ରୀୟ ବିଦ୍ୟାଲୟ ଭବାନୀପାଟ୍‌ନା ଠାନେ ଯୁବ ସଂସଦ୍ ପ୍ରବର୍ତନ୍ କାର୍ଯ୍ୟକ୍ରମ୍ ଆଏଜ୍ ହେଇଯାଇଛେ । ଇଥି ବିଦ୍ୟାଲୟର୍ ପ୍ରିନ୍ସିପାଲ୍ ଭୀମ୍‌ସେନ୍ ପଣ୍ଡା ଯୋଗ୍ ଦେଇକରି ଇଟା ଗୁଟେ ଭଲ୍ ପଦକ୍ଷେପ୍ ଆଏ ବଲି କହିଛନ୍ । ଇ କାର୍ଯ୍ୟକ୍ରମ୍ ଛାତ୍ରମାନ୍‌କୁ ସେମାନ୍‌କର୍ ମତାମତ ଦେବାର୍ ଆଉ ନିଷ୍ପତି ନେବାର୍‌ଥି ସକ୍ରିୟ ଅଂଶଗ୍ରହଣ୍ କର୍‌ବାର୍ ଲାଗି ଗୁଟେ ପ୍ଲାଟ୍‌ଫର୍ମ ଭାବେ କାମ୍ କରୁଛେ ।

ବାସି ଅବଢ଼ା -       କଟ୍‌କନା  ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ଆନନ୍ଦ ବଜାର୍ ନ ବାସି ଅବଢ଼ା ବିକ୍ରି ଉପ୍‌ରେ କଟ୍‌କନା ଲଗାବାର୍‌କେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ

ପଦକ୍ଷେପ୍ ନିଆଯାଇଛେ । ଖାଲି ସୁଆର, ମହାସୁଆର ନିଯୋଗ ତର୍ଫୁ ଅଧିକୃତ ସୁପକାର ମାନେ ହିଁ ମହାପ୍ରସାଦ୍ ବିକ୍ରି କରିପାର୍ବେ । ଇତାର୍ସହେତେ ଭକ୍ତମାନ୍କର୍ ମାନ୍କର୍ ପ୍ରତି ଆଚରଣ୍ ଆର୍ ଉଚ୍ଚାରଣ୍ ଠିକ୍ ରହେବାର୍ ଦିଗେ ଭିଲ୍ ଗୁରୁତ୍ୱ ଦିଆଯିବା । ଇସବୁ ଦିଗ୍କେ ଧ୍ୟାନ୍ ଦେବାର୍ ଲାଗି ୨୦ ଝନ୍ ଦକ୍ଷ ଅବସରପ୍ରାପ୍ତ ସେନାନିବୃତ କର୍ମୀଙ୍କୁ ସୁରକ୍ଷା କର୍ମୀ ଭାବେ ନିଯୁକ୍ତି ଦିଆଯିବା । ଇଥିର୍ଲାଗି ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ତର୍ଫୁ ନିଯୁକ୍ତି ପ୍ରକ୍ରିୟା ମୁଲ୍ ହେଇଛେ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଲଘୁଚାପ୍ଥି ବଦ୍ଲିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ଶନିବାର୍ତକ୍ ବର୍ଷା ଲାଗି ରହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଭୁବ୍ନେଶ୍ୱର୍ ତର୍ଫୁ ସୂଚ୍ନା ମିଲିଛେ । ରାଜ୍ୟର୍ ସମୁଦ୍ରକୂଲିଆ ଆର୍ ଦକ୍ଷିଣ ଭାଗ୍ ସହେତେ ୧୧ ଟା ଜିଲ୍ଲା ନ ଜବର୍ ବର୍ଷା ଆର୍ ଚଡ଼କ୍ ମାରିପାରେ ବଲି ବିଭାଗ୍ ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ରଏବାର୍ତକ୍ ସମୁଦ୍ର ଭିତର୍କେ ନାଇଁ ଯିବାର୍କେ ମତ୍ସ୍ୟଜୀବୀମାନ୍କର ଏସ୍ସିଆର୍ସିଙ୍କର୍ ତର୍ଫୁ ପରାମର୍ଶ ଦିଆଯାଇଛେ ।